# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 August – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ଗଣପର୍ବ ନୂଆଁଖାଇ ପାଇଁ ଉତ୍ସବମୁଖର ପଶ୍ଚିମ ଓଡ଼ିଶା, ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

— ମା' ସମଲେଇଙ୍କ ନିକଟରେ ନବାନ୍ନ ଲାଗି ପରେ ଘରେ ଘରେ ପାଳନ ହେଉଛି ନୂଆଁଖାଇ ଭେଟ୍‌ଘାଟ୍

- ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ପୂରିଲା ୧୧ ବର୍ଷ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦୁଇଦିନିଆ ଅନୁସୂଚିତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ

ଏବଂ

- ଭିତରକନିକା ଜାତୀୟ ଉଦ୍ୟାନରେ ଆସନ୍ତା ଶନିବାର ଦିନଠାରୁ ଆରମ୍ଭ ହେବ ଦେଶୀୟ ପକ୍ଷୀଗଣନା

# ନୂଆଁଖାଇ

ଗଣପର୍ବ ନୂଆଁଖାଇ ପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସକାଳ ସାଢ଼େ ୧୦ଟାରୁ ୧୦ ଟା ୫୫ ମିନିଟ୍ ସମୟ ମଧ୍ୟରେ ସମ୍ବଲପୁରର ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ନିକଟରେ ଆଜି ନବାନ୍ନ ଲାଗି ହୋଇଛି। ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ଶକ୍ତିପୀଠଗୁଡ଼ିକ ମଧ୍ୟରେ କଳାହାଣ୍ଡିର ମା’ ମାଣିକେଶ୍ୱର, ଜୁନାଗଡ଼ର ମା’ ଲଙ୍କେଶ୍ୱରୀ, ବଲାଙ୍ଗିର ଓ ପାଟଣାଗଡ଼ର ମା’ ପାଟଣେଶ୍ୱରୀ ଏବଂ ସୁବର୍ଣ୍ଣପୁରର ମା’ ସୁରେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହୋଇଛି। ଗଣପର୍ବ ନୂଆଁଖାଇକୁ ନେଇ ସମଲେଶ୍ୱରୀ ମନ୍ଦିରର ପୂଜକ ପ୍ରତିକ୍ରିୟାରେ କହନ୍ତି...

## - V/O -

ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଗ୍ରହଣ କରୁଛନ୍ତି। ବିଭିନ୍ନ ସ୍ଥାନରେ ନବାନ୍ନ ଭକ୍ଷଣ ପରେ ସାତ-ଆଠ ଦିନ ପରେ ମଧ୍ୟ ସାଂସ୍କୃତିକ ଦଳ ଓ ମୁଖ୍ୟମାନଙ୍କୁ ନେଇ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୃଷି ପ୍ରତି ସମ୍ମାନ ଓ କୃଷକଙ୍କ ପ୍ରତି କୃତଜ୍ଞତା ଏହି ପର୍ବର ବିଶେଷତ୍ୱ ବୋଲି ରାଷ୍ଟ୍ରପତି କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ନୂଆଁଖାଇର ଶୁଭେଚ୍ଛା ଜଣାଇ କହିଛନ୍ତି, ଆଜିର ଦିନ ସମସ୍ତଙ୍କୁ କୃଷକଙ୍କ ପ୍ରତି ଗଭୀର କୃତଜ୍ଞତାର ସ୍ମରଣ କରାଇଥାଏ। ନୂଆଁଖାଇ ପ୍ରତିଟି ଘରେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ଖୁସି ଆଣିଦେଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ନୂଆଁଖାଇ ଆମ ସଂସ୍କୃତି, ସମୃଦ୍ଧି ଏବଂ ଏକତାର ପ୍ରତୀକ। ଏହି ଗଣପର୍ବ ସମସ୍ତଙ୍କ ଜୀବନରେ ନୂଆ ଆଶା ଭରିଦେଉ ବୋଲି ଶ୍ରୀ ମାଝୀ କାମନା କରିଛନ୍ତି।

ନୂଆଁଖାଇ ଅବସରରେ **କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସମ୍ବଲପୁରର ମାନେଶ୍ୱର ବ୍ଲକ୍ ସିନ୍ଦୁରପଙ୍କସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି,

## - V/O - (ଧର୍ମେନ୍ଦ୍ର ପ୍ରଧାନ)

# ନୂଆଁଖାଇ-ଜିଲ୍ଲା

ନୂଆଁଖାଇ ପର୍ବ ପଶ୍ଚିମ ଓଡ଼ିଶାର ଲୋକମାନଙ୍କର ଏକ ସାଂସ୍କୃତିକ ଜୀବନଶୈଳୀ । ପଶ୍ଚିମ ଓଡ଼ିଶାର କଳାସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳଣ ସହିତ ନୂଆଁଖାଇ ପର୍ବ ଜଡ଼ିତ । **ବରଗଡ**ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କଠାରେ ନିଶାର୍ଦ୍ଧରେ ନୂଆଁଖାଇ ଲାଗି ହୋଇଛି । ପରମ୍ପରା ଅନୁସାରେ ଦେବୀଙ୍କ ସେବକ ଝାଙ୍କର ମା'ଙ୍କୁ ନୂଆ ବସ୍ତ୍ର ପରିଧାନ କରି ଯଥାବିଧି

ପୂଜାର୍ଚ୍ଚନା କରିବା ପରେ ନୂଆ ଚାଉଳରେ ପ୍ରସ୍ତୁତ ଭୋଗ ଦେବୀଙ୍କୁ ଅର୍ପଣ କରିଛନ୍ତି । **ବଲାଙ୍ଗିର**ର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀଙ୍କ ସମେତ ଅନ୍ୟ ଦେବଦେବୀମାନଙ୍କ ପୀଠରେ ନବାନ୍ନ ଲାଗି କରାଯାଇଛି । ସବୁ ବର୍ଷ ପରି ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପରିବାର ଓ ଅନଙ୍ଗ ଉଦୟ ସିଂହଦେଓ ପରିବାର ଏକାଠି ମିଶି ନୂଆ ଖାଇଛନ୍ତି। **ନୂଆପଡା** ଜିଲ୍ଲା ଖଡ଼ିଆଳ ରାଜପରିବାର ପକ୍ଷରୁ ଗଡରକ୍ଷକ ଦେବୀ ରକ୍ତାମ୍ବରୀ, ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସେବାୟତ ଛତ୍ରିଆମାନେ ଜୁଗାଡ ଧରି ମା'ଙ୍କ ନିକଟରେ ନୂତନ ଶସ୍ୟର ଚୂଡା ଭୋଗ ଲାଗି କରିଛନ୍ତି । **କଳାହାଣ୍ଡି** ଜିଲ୍ଲାରେ ଘରେ ଘରେ ପିଠା-ମିଠା ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ସହ ଭାଇଚାରାର ପର୍ବ ନୂଆଁଖାଇ ଘରେ ଘରେ ପାଳନ କରୁଛନ୍ତି। **ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ପାଖରେ ପାହୁର୍ ଭୋଗ ଲାଗି ହୋଇଛି। ଏ ସମ୍ପର୍କରେ ଆମ ସମ୍ବାଦଦାତା ଅଧିକ ସୂଚନା ଦେଇ କହିଛନ୍ତି...

**- V/O -**

# ପିଏମ୍ ଜନଧନ ଯୋଜନା

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆଜି ସଫଳତାର ୧୧ବର୍ଷ ପୂର୍ତ୍ତି ପାଳନ କରୁଛି। ଗରିବ ଲୋକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ ଏହି ଯୋଜନା ଆରମ୍ଭ କରିଥିଲେ। ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.....

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତୀରକଣ ପଦକ୍ଷେପ ମଧ୍ୟରୁ ଅନ୍ୟତମ। ଯାହା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଲାଲକିଲ୍ଲାଠାରୁ ଘୋଷଣା କରିଥିଲେ। ଏହି ଯୋଜନା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଏକ ଜାତୀୟ ମିଶନ ଯାହା, ଦେଶର ସମସ୍ତ ପରିବାରକୁ ବ୍ୟାଙ୍କିଂସେବା ପ୍ରଦାନ କରିବା ପାଇଁ ଏକ ସମନ୍ୱିତ ଆଭିମୁଖ୍ୟ ରଖିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଟଙ୍କାଉଠାଣ ପାଇଁ ଡେବିଟ୍ କାର୍ଡ ସହିତ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଦୁର୍ଘଟଣା ବୀମା, କ୍ଷୁଦ୍ର ଋଣ, ଓଭରଡ୍ରାଫ୍ଟ ପେନ୍‌ସନ ସୁବିଧା ମିଳିପାରୁଛି । ଆକାଉଣ୍ଟଧାରୀଙ୍କୁ ସ୍ୱଦେଶୀ ଡେବିଟ୍‌କାର୍ଡ ପ୍ରଦାନ କରାଯାଉଛି। ଯେକୌଣସି ବ୍ୟାଙ୍କ ଶାଖା କିମ୍ବା ବ୍ୟାଙ୍କମିତ୍ର ଆଉଟ୍‌ଲେଟ୍‌ରେ ଶୂନ୍ୟ ବାଲାନ୍ସରେ ଆକାଉଣ୍ଟ ଖୋଲିବା ସମ୍ଭବ ହୋଇପାରୁଛି। ପ୍ରତ୍ୟେକ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର କୋର ବ୍ୟାଙ୍କିଂ ସିଷ୍ଟମ୍ ରହିଛି। ସରକାରୀ ତଥ୍ୟ ଅନୁସାରେ, ଚଳିତମାସ ମଧ୍ୟଭାଗ ସୁଦ୍ଧା ଏହି ଯୋଜନାରେ ୫୬କୋଟି ୧୬ଲକ୍ଷରୁ ଅଧିକ ବ୍ୟାଙ୍କ ଜମାଖାତା ଖୋଲାଯାଇଛି ।

ଏହି ଅବଧି ମଧ୍ୟରେ ହିତାଧିକାରୀମାନେ ୨ଲକ୍ଷ ୬୭ହଜାର କୋଟି ଟଙ୍କା ବ୍ୟାଙ୍କରେ ଜମା ରଖିଛନ୍ତି । ଏହି ଯୋଜନା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ କ୍ଷେତ୍ରରେ ଜନସାଧାରଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଦଶନ୍ଧିର ଯାତ୍ରା ଅତିକ୍ରମ କରିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ଭୁବନେଶ୍ୱରଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ଅନୁସୂଚିତ ଜାତି ଏବଂ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ଆରମ୍ଭ ହେବ। ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବାକୁ ଯାଉଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ଯ ଉନ୍ମୋଚନ କରିବେ।

ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ।

## ସ୍ୱାୟତ୍ତ ଶାସନ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବରୁ ପୁରୀ ପୌରପାଳିକା ପକ୍ଷରୁ ସପ୍ତାହେବ୍ୟାପୀ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି। ପୁରୀରେ ଆଜି ଏହି କ୍ରମରେ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଶାର କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଆସନ୍ତା ୩୧ ତାରିଖ ରବିବାର ଦିନ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ।

# ଭିତରକନିକା-ପକ୍ଷୀଗଣନା

ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀଙ୍କ ଗଣନା ଆସନ୍ତା ଶନିବାରଠାରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଚାଲିବ । ଜାତୀୟ ଉଦ୍ୟାନରେ ଥିବା ମଠ ଆଡିଆ ଏବଂ ଉଦ୍ୟାନ ବାହାରେ ବ୍ରାହ୍ମଣୀନଦୀସ୍ଥିତ ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ବାଲିଡିଆରେ ପକ୍ଷୀଗଣନା କରାଯିବ । ବର୍ଷାଋତୁ ଆରମ୍ଭରେ ଦେଶୀୟ ପକ୍ଷୀମାନେ ବଂଶବିସ୍ତାର ପାଇଁ ଦେଶର ବିଭିନ୍ନ ଭାଗରୁ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିଥାନ୍ତି । ଗଣନାରେ ୩ଟି ଦଳ ସାମିଲ ହେବେ ବୋଲି ରାଜନଗର ବନଖଣ୍ଡ ଅଧିକାରୀ କହିଛନ୍ତି । ପକ୍ଷୀଗଣନା ସମୟରେ ପର୍ଯ୍ୟଟକଙ୍କ ପାଇଁ ଏହି ୩ଦିନ ଭିତରକନିକା ଉଦ୍ୟାନ ବନ୍ଦ ରହିବ ।

## ବନ୍ୟାସ୍ଥିତି

ଲଗାଣ ବର୍ଷା ଯୋଗୁଁ **କୋରାପୁଟ** ଜିଲ୍ଲାର ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । କୋଲାବ, ପଟାଳି, ସାବେରୀ, ଇନ୍ଦ୍ରାବତୀ ଓ ସୁର୍ଲି ନଦୀର ଜଳସ୍ତର ବିପଦସଂକେତ ଉପରେ ଥିବାରୁ ବୋରିଗୁମ୍ମା, କୋଟପାଡ, କୁନ୍ଦ୍ରା ଓ ଜୟପୁର ବ୍ଲକ୍‌ର ପ୍ରାୟ ୮୦ଟି ଗାଁ ବନ୍ୟାରେ ପ୍ରଭାବିତ ହେବାର ଆଶଙ୍କା ରହିଛି । ବନ୍ୟାଜଳ ଯୋଗୁଁ କୋରାପୁଟ ଓ ନିକଟବର୍ତ୍ତୀ ଜିଲ୍ଲା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଟାଙ୍ଗିନୀଗୁଡ଼ା ଓ ଗୋବିନ୍ଦପାଳିଘାଟ ଅଂଚଳରେ ସପ୍ତଧାରା ଓ କୁର୍ଲୁ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ରାସ୍ତା ଉପରେ ପାଣି ଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି । କୋଲାବ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ କୁନ୍ଦ୍ରା-କୋଟପାଡ ଅଂଚଳରେ ଯାତାୟତ ବିଚ୍ଛିନ୍ନ ହୋଇଛି । ସମ୍ଭାବ୍ୟ ବନ୍ୟା

ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାର ଆପାତକାଳୀନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରୁଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ମାଲକାନଗିରି, କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଆଜି ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।